# NATIONAL NEWS BULLETIN (ODIA)

## 18 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ।
- ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଭାରତ ଆତ୍ମବିଶ୍ୱାସର ସହ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛି, କହିଲେ ପ୍ରଧାନମନ୍ତ୍ରୀ ।
- ବିହାରର ପାଟନା ଠାରେ ଆସନ୍ତାକାଲି ଅନୁଷ୍ଠିତ ହେବ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକ ଦଳ ବୈଠକ ।
- ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ଆଉ ଜଣଙ୍କୁ ଗିରଫ୍ କଲା ଜାତୀୟ ତଦନ୍ତକାରୀ ସଂସ୍ଥା ।

ଏବଂ

- ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୫୦ କୋଟିରୁ ଅଧିକ ଭୋଟରଙ୍କୁ ପ୍ରଦାନ କରାଯାଇଛି ଗଣନା ଫର୍ମ ।

## ଜଳଶକ୍ତି ଅଭିଯାନ– ପୁରସ୍କାର ରାଶି

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର 'କ୍ୟାଚ୍ ଦି ରେନ୍' ଜଳଶକ୍ତି ଅଭିଯାନ ଅଧୀନରେ ଜଳସଂଚୟ ଜନଭାଗିଦାରୀ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନକାରୀ ଅଂଶୀଦାରଙ୍କ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଜି ଆୟୋଜିତ ହେବାକୁ ଥିବା ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କରିବେ।

ଚଳିତ ବର୍ଷ ଏହି ଅଭିଯାନରେ ମୋଟ୍ ୧୦୦ଟି ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ତିନୋଟି ରାଜ୍ୟ, ୬୭ଟି ଜିଲ୍ଲା, ୬ଟି ପୌରନିଗମ, ଗୋଟିଏ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ୨ଟି ଅଂଶୀଦାର ମନ୍ତ୍ରଣାଳୟ, ଦୁଇଟି ଶିକ୍ଷାନୁଷ୍ଠାନ, ତିନୋଟି ଏନ୍‌ଜିଓ, ଦୁଇଜଣ ସମାଜସେବୀ ଏବଂ ୧୪ ଜଣ ନୋଡାଲ ଅଧିକାରୀ ସାମିଲ ଅଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯିବ। ଅଭିଯାନରେ ଶ୍ରେଷ୍ଠତା ପ୍ରଦର୍ଶନ କରୁଥିବା ଜିଲ୍ଲାଗୁଡ଼ିକୁ ପୁରସ୍କାର ବାବଦରେ ୨୫ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯିବ।

## ପ୍ରେଜ୍‌-ଫାଇନାନ୍ସ କମିଶନ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗତକାଲି ନୂଆଦିଲ୍ଲୀରେ ଡକ୍ଟର ଅରବିନ୍ଦ ପାନ୍‌ଗାରିଆଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ୍‌ର ସଦସ୍ୟ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଏ ସମ୍ପର୍କରେ ସୂଚନା

ଦେଇ କହିଛନ୍ତି, ଆଗାମୀ ୨୦୨୬-୩୧ ବର୍ଷ ପାଇଁ ଅର୍ଥ କମିଶନ୍ ତାଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି ।

ସମ୍ବିଧାନର ଧାରା ୨୮୦ ଉପ-ଧାରା ୧ ଅନୁଯାୟୀ ରାଷ୍ଟ୍ରପତି ଷୋଡ଼ଶ ଅର୍ଥ କମିଶନ୍ ଗଠନ କରିଥିଲେ । ଅର୍ଥ ମନ୍ତ୍ରଣାଳୟ କହିଛି, କମିଶନ୍ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ବିସ୍ତୃତ ଭାବେ ବିଶ୍ଳେଷଣ କରିବା ସହିତ ବିଭିନ୍ନ ସ୍ତରରେ ବିଶେଷଜ୍ଞଙ୍କ ସହିତ ପରାମର୍ଶ ଆଧାରରେ ଏହାର ରିପୋର୍ଟ ପ୍ରସ୍ତୁତ କରିଛି । ସମ୍ବିଧାନର ଧାରା ୨୮୧ ଅନୁଯାୟୀ ଏହି ରିପୋର୍ଟ୍ ସଂସଦରେ ଉପସ୍ଥାପନ ହେବା ପରେ ସାର୍ବଜନୀନ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟ କହିଛି ।

## ପିଏମ୍-ଗୋଏଙ୍କା ଲେକ୍‌ଚର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ବିକଶିତ ଏବଂ ଆତ୍ମନିର୍ଭରଶୀଳ ହେବା ଦିଗରେ ପ୍ରୟାସ ଜାରି ରଖିଛି । ନୂଆଦିଲ୍ଲୀରେ ଷଷ୍ଠ ରାମନାଥ ଗୋୟଙ୍କା ବକ୍ତୃତା ପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତିରେ ଭାରତ ଆତ୍ମ ବିଶ୍ୱାସର ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛି । ବିଶ୍ୱ ଆଜି ଭାରତୀୟ ଅବିବୃଦ୍ଧି ବ୍ୟବସ୍ଥାକୁ ଆଶାର କିରଣ ଭାବେ ଗ୍ରହଣ କରୁଛି । ୨୦୨୩ ମସିହାରେ ପଶ୍ଚିମ ଏସିଆରେ ପରିସ୍ଥିତି ନିମ୍ନଗାମୀ ହୋଇଥିଲେ ମଧ୍ୟ ଭାରତର ଅଭିବୃଦ୍ଧିହାର ଦୃଢ଼ ରହିଥିଲା । ଚଳିତ ବର୍ଷ ମଧ୍ୟ ଭାରତର ଅଭିବୃଦ୍ଧିହାର ୭ ପ୍ରତିଶତ ପାଖାପାଖି ରହିଛି ।

## V/O-1-PM-ON-HIGH-GROWTH-RATE

ବିହାର ବିଧାନସଭା ନିର୍ବାଚନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୧୯୫୧ ମସିହା ପରଠାରୁ ରାଜ୍ୟରେ ସର୍ବାଧିକ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ପ୍ରାୟ ୯ ପ୍ରତିଶତ ଅଧିକ ହୋଇଛି । ଏହା ଗଣତନ୍ତ୍ରର ବିଜୟ ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସରକାର ବିକାଶକୁ ହିଁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରି ଆସୁଛନ୍ତି ବୋଲି କହିଛନ୍ତି । ବ୍ୟବସାୟ କରିବାର ସହଜତାରେ ଉନ୍ନତି ଆଣିବା, ନିବେଶ ପରିବେଶ ସୃଷ୍ଟି କରିବା ଏବଂ ବିକାଶର ମାନଦଣ୍ଡକୁ ଅଧିକ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

## V/O-2-PM-MODI-ON-BIHAR

ପ୍ରଧାନମନ୍ତ୍ରୀ କହିଛନ୍ତି, ସାମାଜିକ ନ୍ୟାୟ ବ୍ୟବସ୍ଥା ଏବେ ବାସ୍ତବତାରେ ପରିଣତ ହୋଇଛି । ୫୭ କୋଟି ଜନଧନ ବ୍ୟାଙ୍କ୍ ଆକାଉଣ୍ଟ ହିତାଧିକାରୀଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକୁ ଗତିଶୀଳ କରିବା ସହ ୪ କୋଟି ପକ୍କା ଘର ଗରିବ ଲୋକଙ୍କୁ ନୂତନ ସ୍ୱପ୍ନ ଦେଖିବାରେ ସଶକ୍ତ କରିଛି । ଗତ ୧୧ ବର୍ଷ ମଧ୍ୟରେ ଦେଶରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉଲ୍ଲେଖନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୯୪ କୋଟି ଭାରତୀୟ ଏବେ ସାମାଜିକ ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ଅଛନ୍ତି ।

ଛତିଶଗଡ଼ର ବସ୍ତର ଜିଲ୍ଲା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା ଏବେ ବିକାଶର ପଥରେ ଅଗ୍ରଗତି କରୁଛି । ନିଜ ଭାଷାକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟ ନେଇ ଦେଶରେ ନୂତନ ଜାତୀୟ ଶିକ୍ଷାନୀତି ସ୍ଥାନୀୟ ଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବିହାର-ଗଭ୍ ଫରମେସନ୍

ବିହାର ପାଟନା ଠାରେ ଆସନ୍ତାକାଲି ନବନିର୍ବାଚିତ ଏନ୍.ଡି.ଏ. ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ କରାଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ବିଜେପି ଏବଂ ଜେ.ଡି.ୟୁ. ବିଧାୟକ ଦଳ ବୈଠକ ମଧ୍ୟ ଆସନ୍ତାକାଲି ପାଟନା ଠାରେ ଅନୁଷ୍ଠିତ ହେବ । ଏନ୍.ଡି.ଏ.ର ସହଯୋଗୀ ଦଳ ଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ ପରେ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହୋଇ ନେତା ଚୟନ କରାଯିବ ।

ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ସମାରୋହ ଆସନ୍ତା ଗୁରୁବାର ପାଟନାର ଗାନ୍ଧି ମଇଦାନ ଠାରେ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏନ୍.ଡି.ଏ.ର ବରିଷ୍ଠ ନେତା ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଯୋଗଦେବେ ।

ଅନ୍ୟ ପକ୍ଷରେ ଗତକାଲି ପାଟନା ଠାରେ ରାଷ୍ଟ୍ରୀୟ ଜନତା ଦଳର ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହୋଇ ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ନେତା ଭାବେ ମନୋନୀତ କରାଯାଇଛି ।

## ଏନ୍ଆଇଏ-ଦିଲ୍ଲୀ ବ୍ଲାଷ୍ଟ୍

ଦିଲ୍ଲୀ ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ ଘଟଣାର ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ. ଆଉ ଜଣଙ୍କୁ ଗିରଫ୍ କରିଛି । କାଶ୍ମୀର ବାସିନ୍ଦା ଯଶିର ବିଲାଲ୍

ୱାନିଙ୍କୁ ଏନ୍.ଆଇ.ଏ. ଶ୍ରୀନଗରରୁ ଗିରଫ୍ କରିଛି । ଏହି ଆତଙ୍କବାଦୀ ଆକ୍ରମଣ ପାଇଁ ୱାନି ବୈଶୟିକ ସହାୟତା ପ୍ରଦାନ କରିଥିବା ନେଇ ଅଭିଯୋଗ ରହିଛି ବୋଲି ଏନ୍.ଆଇ.ଏ. କହିଛି । ବିସ୍ଫୋରଣରେ ୧୦ ଜଣଙ୍କର ମୃତ୍ୟୁ ହେବା ସହ ୨୫ ଜଣ ଆହତ ହୋଇଥିଲେ । ବିସ୍ଫୋରଣ ଘଟଣାରେ ୱାନି ଜଣେ ଷଡ଼ଯନ୍ତ୍ରକାରୀ ଏବଂ ମୁଖ୍ୟ ଆତଙ୍କବାଦୀ ଉମର ନବୀଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିଥିବା ତଦନ୍ତରୁ ଜଣାପଡ଼ିଛି । ଏନ୍.ଆଇ.ଏ. କହିଛି, ବିସ୍ଫୋରଣ ଘଟଣାର ବିଭିନ୍ନ ଦିଗ ଉପରେ ଅଧିକ ତଦନ୍ତ ଜାରି ରହିଛି ।

## ଇସି-ଏସ୍ଆଇଆର୍

ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଇତିମଧ୍ୟରେ ୫୦ କୋଟିରୁ ଅଧିକ ଭୋଟରଙ୍କୁ ଗଣନା ଫର୍ମ ପ୍ରଦାନ କରାଯାଇଛି । ନିର୍ବାଚନ ଆୟୋଗ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ପର୍ଯ୍ୟାୟରେ ସାମିଲ ହେବାକୁ ଥିବା ୫୧ କୋଟି ଭୋଟରଙ୍କ ମଧ୍ୟରୁ ୯୮ ପ୍ରତିଶତଙ୍କୁ ଗଣନା ଫର୍ମ ବଣ୍ଟନ କରାଯାଇସାରିଛି । ଉତ୍ତରପ୍ରଦେଶରେ ସର୍ବାଧିକ ୧୫ କୋଟି ୨୭ ଲକ୍ଷରୁ ଅଧିକ ଫର୍ମ ପ୍ରଦାନ କରାଯାଇଛି । ପଶ୍ଚିମବଙ୍ଗରେ ୭ କୋଟି ୬୩ ଲକ୍ଷ ଭୋଟରଙ୍କୁ ଗଣନା ଫର୍ମ ଦିଆଯାଇଥିବା ଆୟୋଗ କହିଛନ୍ତି । ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ରାଜ୍ୟ ଓ ତିନୋଟି କେନ୍ଦ୍ରଶାସିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି । ଗଣନା ପ୍ରକ୍ରିୟା ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଗ କହିଛନ୍ତି ।

# ୟୁଏନ୍‌ଏସ୍‌ସି-ଗାଜା

ଜାତିସଂଘ ସୁରକ୍ଷା ପରିଷଦ ଗାଜାରେ ଶାନ୍ତି ପ୍ରତିଷ୍ଠା ନେଇ ଆମେରିକା ପ୍ରସ୍ତାବକୁ ଅନୁମୋଦନ କରିଛି । ପରିଷଦର ଗତକାଲି ଅନୁଷ୍ଠିତ ବୈଠକରେ ଆମେରିକା ପକ୍ଷରୁ ଗାଜାର କ୍ଷତିଗ୍ରସ୍ତ ଅଞ୍ଚଳରେ ସୁରକ୍ଷା ଯୋଗାଇବା ଲକ୍ଷ୍ୟ ନେଇ ଆନ୍ତର୍ଜାତିକ ଶାନ୍ତି ବାହିନୀ ଏବଂ ଏକ ସ୍ୱାଧୀନ ପାଲେନ୍‌ଷ୍ଟାଇନ୍ ରାଷ୍ଟ୍ର ଗଠନ ସଂକ୍ରାନ୍ତ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ରୁଷ ଏବଂ ଚୀନ ପ୍ରସ୍ତାବର ଭୋଟିଂରୁ ବିରତ ରହିଥିଲେ ।

ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ଗତ ଦୁଇ ବର୍ଷର ଯୁଦ୍ଧ ପରିସମାପ୍ତି ଏବଂ ଗାଜାର ଭବିଷ୍ୟତକୁ ଗଢ଼ିତୋଳିବା ପାଇଁ ଆମେରିକାର ଏହି ପ୍ରସ୍ତାବ ଉପରେ ମତ ନିଆଯାଇଥିଲା । ଆନ୍ତର୍ଜାତିକ ଶାନ୍ତି ବାହିନୀରେ ସୈନ୍ୟ ଯୋଗାଇଦେବା ଲାଗି ଆରବ ଏବଂ ଅନ୍ୟାନ୍ୟ ମୁସଲିମ୍ ରାଷ୍ଟ୍ର ଗୁଡ଼ିକ ଆଗ୍ରହ ପ୍ରକାଶ କରିଛନ୍ତି । ଆମେରିକୀୟ ରାଷ୍ଟ୍ରଦୂତ ମାଇକ୍ ଓ୍ୱାଲ୍ଟଜ୍ ଏହି ପ୍ରସ୍ତାବକୁ ଐତିହାସିକ ଏବଂ ଗଠନ ମୂଳକ ବୋଲି ବର୍ଣ୍ଣନା କରିବା ସହ ମଧ୍ୟ ପ୍ରାଚ୍ୟରେ ଏହା ନୂତନ ଦିଗ ଉନ୍ମୁକ୍ତ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ।

# ଏକ୍ସପୋର୍ଟ୍-ଇନ୍‌ପୋର୍ଟ୍ ଗ୍ରୋଥ୍

ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଅକ୍ଟୋବର ଅବଧି ମଧ୍ୟରେ ଦେଶର ମୋଟ୍ ରପ୍ତାନୀ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ୪ ଦଶମିକ୍ ୮ ପ୍ରତିଶତ ବୃଦ୍ଧି ଘଟିଛି । ବାଣିଜ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ରପ୍ତାନୀ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ୪୯୧ ଦଶମିକ୍ ୮ ବିଲିୟନ୍ ଆମେରିକୀୟ ଡଲାର୍

କାରବାର ହୋଇଛି । ସାମଗ୍ରୀ ରପ୍ତାନୀ ଦଶମିକ୍ ୬/୨ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମଦାନୀ ୬ ଦଶମିକ୍ ୩/୭ ପ୍ରତିଶତ ବୃଦ୍ଧି ପାଇଛି । ଅଣ-ପେଟ୍ରୋଲିୟମ୍ ରପ୍ତାନୀରେ ନିରନ୍ତର ବୃଦ୍ଧି ଘଟିଛି । ଚଳିତ ବର୍ଷର ପ୍ରଥମ ୭ ମାସରେ ଅଣ-ପେଟ୍ରୋଲିୟମ୍ ରପ୍ତାନୀର ମୂଲ୍ୟ ୩ ଦଶମିକ୍ ୯/୨ ପ୍ରତିଶତ ବୃଦ୍ଧି ପାଇ ୨୧୯ ଦଶମିକ୍ ୯ ବିଲିୟନ୍ ଆମେରିକୀୟ ଡଲାର୍ ହୋଇଛି ।